## ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢ଼େଙ୍କାନାଳ

ପତ୍ର ସଂଖ୍ୟା. ୨୬୨ /ସୂ.ଲୋ.ସଂ. ତା. ୧୧/୧୧/୨୧ .

### ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଆୟୋଜିତ
### ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ

ଢେଙ୍କାନାଳ, ତା. ୧୧ .୧୧.୨୦୨୧-

ଭବିଷ୍ୟତରେ ଆବଶ୍ୟକକୁ ପୂରଣ କରିବା ସହିତ ଜୀବନକୁ ସୁଖମୟ କରିବା ଲକ୍ଷ୍ୟରେ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ବୃଦ୍ଧି ଉଦ୍ଦେଶ୍ୟରେ ସଞ୍ଚୟ ପକ୍ଷ ପାଳିତ ହେଉଅଛି । ଏହି ସଞ୍ଚୟ ପକ୍ଷ ପାଳନ ଅବସରରେ ଗତକାଲି ଜିଲ୍ଲା କାର୍ଯ୍ୟାଳୟସ୍ଥ ସଦଭାବନା ହଲଠାରେ ଏକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଦ୍ୱାରା ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗୀତାର କନିଷ୍ଠ ଦଳରେ ଶୀଳାଦିତ୍ୟ ପତି-ପ୍ରଥମ, ପିନକୀ ପ୍ରିତମ ଛୋଟରାୟ-ଦ୍ୱିତୀୟ ଏବଂ ଆଶୁତୋଷ ତ୍ରିପାଠୀ – ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ଦଳରେ ପ୍ରୀତିଛନ୍ଦା ପୃଷ୍ଟି - ପ୍ରଥମ, ଶୁଭସ୍ମିତା ସାହୁ – ଦ୍ୱିତୀୟ ଏବଂ ପ୍ରୀତିମୁକ୍ତା ରଥ- ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ ପୁରସ୍କୃତ କରିଥିଲେ । ଉତ୍ସବରେ ଡେପୁଟି କଲେକ୍ଟର ତଥା ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

୧୧/୧୧/୨୧.

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ